# କଟକ ମହାନଗର ନିଗମ

## ଗ୍ରୀଭାନସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟିର ୨୮ତମ ବୈଠକର ବିବରଣୀ

ତା-୦୮-୦୪-୨୦୧୬, ସମୟ ପୂର୍ବାହ୍ନ ୧୧.୦୦ ଘଟିକା

ସ୍ଥାନ- ମହାନଗର ନିଗମ ସଭାଗୃହ

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

୧. ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ-ଅଧକ୍ଷା
୨. ଶ୍ରୀଯୁକ୍ତା ସୁଲୋଚନା ସେଠୀ -ସଦସ୍ୟା
୩. ଶ୍ରୀଯୁକ୍ତା ନମିତା ମଞ୍ଜରୀ ସାହୁ-ସଦସ୍ୟା
୪. ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ - ସଦସ୍ୟ
୫. ସୁଶ୍ରୀ ସେବତୀ ମାଝି- ସଦସ୍ୟା

ଏହି ବୈଠକରେ ମାନ୍ୟବର ମେୟର ଶ୍ରୀଯୁକ୍ତା ମିନାକ୍ଷୀ ବେହେରା ଉପସ୍ଥିତ ଥିଲେ ।

<u>ଉପସ୍ଥିତ ଅଧିକାରୀ</u>

୧. ଶ୍ରୀମତୀ ନିରୁପମା ସାଇଁ-ଡେପୁଟି କମିଶନର-୨
୨. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ- ଉପ ସଚିବ
୩. ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର-ସହକାରୀ ନିର୍ବାହୀ ଯନ୍ତ୍ରୀ
୪. ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ସାହୁ-କମ୍ୟୁନିଟି ଅର୍ଗାନାଇଜର
୫. ଶ୍ରୀଯୁକ୍ତ ଅର୍ଘ୍ୟ ପ୍ରସାଦ ମହାନ୍ତି- କମ୍ୟୁନିଟି ଅର୍ଗାନାଇଜର
୬. ଶ୍ରୀମତୀ ମଧୁଲିତା ଦାଶ-ସୁପରଭାଇଜର
୭. ଶ୍ରୀମତୀ ବିଜୟଲକ୍ଷ୍ମୀ ରାଉତ- ସୁପରଭାଇଜର

ଅଦ୍ୟ ତା ୦୮.୦୪.୨୦୧୬ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ନିଗମର ଗ୍ରୀଭାନସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟିର ୨୮ତମ ବୈଠକ କମିଟିର ଅଧକ୍ଷା ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବୈଠକରେ ଉପସ୍ଥିତ ଥିବା ମାନ୍ୟବର ମେୟର, କମିଟିର ସଦସ୍ୟ / ସଦସ୍ୟା ତଥା ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସ୍ୱାଗତ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ, ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଆଗତ ସହ, କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୧. ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ Housing for All (Urban) ନିମନ୍ତେ କଟକ ମହାନଗର ନିଗମ ଅଂଚଳରେ ଧାର୍ଯ୍ୟ ଲକ୍ଷ୍ୟ ପ୍ରାପ୍ତ ହୋଇଥିବାରୁ, ପ୍ରତ୍ୟେକ ୱାର୍ଡ଼ ୱାରୀ ହାରାହାରି ୩୦ ଗୋଟି ଆବେଦନ ପତ୍ର ଗୃହ ନିର୍ମାଣ ନିମନ୍ତେ ପଠାଯିବା ନିମନ୍ତେ ସୁପାରିଶ କରାଗଲା ।

୨. ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ମଧରେ ବିଭିନ୍ନ ୱାର୍ଡ଼ ମଧରେ ଚିହ୍ନଟ କରାଯାଇଥିବା ସ୍ଥାନରେ କମ୍ୟୁନିଟି ଟୟଲେଟ ନିର୍ମାଣ ପ୍ରସ୍ତାବକୁ ତ୍ୱରାନ୍ୱିତ କରାଯାଇ, ଯଥାଶିଘ୍ର ଏ ଗୁଡ଼ିକର ନିର୍ମାଣ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୩. ରାଜୀବ ଆୱାସ ଯୋଜନା ମାଧମରେ NBCC ଦ୍ୱାରା ବର୍ତମାନ ସୁଦ୍ଧା କରାଯାଇଥିବା କାର୍ଯ୍ୟ ଗୁଡ଼ିକ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧାନ କରାଯାଇ, ଧାର୍ଯ୍ୟ କରାଯାଇଥିବା ସର୍ତାବଳୀ ଅନୁଯାୟୀ ଉକ୍ତ ସଂସ୍ଥାଙ୍କ Payment release କରାଯିବାକୁ ସୁପାରିଶ କରାଗଲା ।

୪. ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ବକେୟା ରହିଥିବା ପ୍ରାୟ ୯୦୦୦ ଆବେଦନ ପତ୍ର ଗୁଡ଼ିକ Verification କରାଯାଇ ନୂତନ ରେସନ କାର୍ଡ଼ ଯଥାଶିଘ୍ର ବଣ୍ଟନ କରାଯିବାକୁ ସୁପାରିଶ କରାଗଲା । ସେହିପରି ଅନ୍ତୋଦୟ ଅନ୍ନ ଯୋଜନାରେ ପ୍ରାପ୍ତ ଆବେଦନ ପତ୍ର ଗୁଡ଼ିକ CSO ଙ୍କ ନିକଟକୁ ପଠାଯାଇ ଯଥାଶିଘ୍ର ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୫. ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅଧୀନରେ ନିଗମ ଅଂଚଳରେ Individual Household Latrine ନିର୍ମାଣ ନିମନ୍ତେ ପ୍ରାପ୍ତ ହୋଇଥିବା ଆବେଦନ ପତ୍ର ଏବଂ ଆର୍ଥିକ ପ୍ରୋତ୍ସାହନ ନିମନ୍ତେ ଅନୁମୋଦନ କରାଯାଇଥିବା ଆବେଦନ ପତ୍ର ଗୁଡ଼ିକର ସମିକ୍ଷା କରାଯାଇଥିଲା । ନିଗମ ଅଂଚଳ ନିମନ୍ତେ ୪୯୭୬ଟି ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ, ବର୍ତମାନ ସୁଦ୍ଧା ୪୮୨୮ଟି ଆବେଦନ ପତ୍ର Uploading କରାଯାଇଥିବା ଦୃଷ୍ଟିରୁ, ଏହି ଯୋଜନାରେ ଯୋଗ୍ୟ ବିବେଚିତ ହେଉଥିବା ଉପଯୁକ୍ତ ହିତାଧିକାରୀ ମାନଙ୍କୁ ଯଥାଶିଘ୍ର ଆର୍ଥିକ ପ୍ରୋତ୍ସାହନ ମଂଜୁର କରାଯିବା ନିମନ୍ତେ ସୁପାରିଶ କରାଗଲା ।

୬. ୩୪ ନମ୍ବର ୱାର୍ଡ଼ର ମଲ୍ଲାସାହିଠାରେ ନିର୍ମାଣ କରାଯାଇଥିବା ଅଙ୍ଗନୱାଡ଼ୀ କେନ୍ଦ୍ରର ବକେୟା ରହିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ, ଯଥାଶିଘ୍ର ଉକ୍ତ ଗୃହ ନିମନ୍ତେ ବୈଦ୍ୟୁତିକ ଆଲୋକ ତଥା ଜଳ ଯୋଗାଣର ବ୍ୟବସ୍ଥା କରାଯିବାକୁ ସୁପାରିଶ କରଗଲା ।

୭. ପ୍ରତ୍ୟେକ ଅଙ୍ଗନୱାଡ଼ୀ କେନ୍ଦ୍ର ମାନଙ୍କରେ ବୈଦ୍ୟୁତିକ ଆଲୋକ ଏବଂ ବୈଦ୍ୟୁତିକ ପଙ୍ଖା ନିମନ୍ତେ ଆବଶ୍ୟକତା ରହିଥିବାରୁ, ପ୍ରତ୍ୟେକ ମାସର ବୈଦ୍ୟୁତିକ ଦେୟ ପ୍ରଦାନ ନିମନ୍ତେ, ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯାଇ ସମ୍ପୃକ୍ତ ସିଡ଼ିପିଓଙ୍କ ଦ୍ୱାରା ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୮. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ବିଭିନ୍ନ ୱାର୍ଡ଼ ମାନଙ୍କର ଜନସଂଖ୍ୟାକୁ ଦୃଷ୍ଟିରେ ରଖାଯାଇ ନୂତନ ଅତିରିକ୍ତ ଅଙ୍ଗନୱାଡ଼ୀ କେନ୍ଦ୍ର ସ୍ଥାପନ ନିମନ୍ତେ, ସମ୍ପୃକ୍ତ କର୍ପୋରେଟରମାନଙ୍କ ଦ୍ୱାରା ନିମ୍ନରେ ପ୍ରଦତ Proforma ମାଧ୍ୟମରେ ପ୍ରସ୍ତାବ ଗୁଡ଼ିକ ସମ୍ପୃକ୍ତ ସିଡ଼ିପିଓଙ୍କୁ ପ୍ରଦାନ କରାଯିବା ନିମନ୍ତେ ଅନୁରୋଧ କରାଗଲା ।

**PROFORMA FOR ADDITIONAL ANGANWADI CENTRE**

| Ward No | Name of the existing AWC | Tagging Village/Basti | Pupulation of Tagging Village/Basti | Name of the Proposed AWC | Tagging Village/Basti of proposed AWC | Pupulation of Proposed AWC | Remarks with Justification |
|---|---|---|---|---|---|---|---|
| | | | | | | | |

ସର୍ବଶେଷରେ ବୈଠକରେ ଉପସ୍ଥିତ ଥିବା ମାନ୍ୟବର ମେୟର, ସଦସ୍ୟ/ସଦସ୍ୟା ତଥା ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ ସହ ସଭା ସାଙ୍ଗ କରାଯାଇଥିଲା ।

Chitra Khuntia
(ଚିତ୍ରା ଖୁଣ୍ଟିଆ)
ଅଧକ୍ଷା
ଗ୍ରୀଭାନସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି

ଜ୍ଞାପକ ସଂ 295, ତା 4.5.16

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 296, ତା 4.5.16

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ... 297 ..., ତା ... 4.5.16 ...

ଏହାର ଏକ କିତା ନକଲ କମିଶନର / ଡେ଼ପୁଟି କମିଶନର / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ / ସେକ୍ରେଟାରୀ / ବସ୍ତି ଉନ୍ନୟନ ଅଧିକାରୀ / ଫାଇନାନ୍ସ ଅଫିସର / ପ୍ରତିଷ୍ଠାନ ଅଧିକାରୀ / ରିକଭରୀ ଅଫିସରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ... 298 ..., ତା ... 4.5.16 ...

ଏହାର ଏକ କିତା ନକଲ ଡେ଼ପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ... 299 ... ତା ... 4.5.16 ...

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ ଏମ୍.ଆଇ.ଏସ୍. ସେଲ କୁ ପ୍ରଦାନ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ